ସମ୍ବାଦ

# 'ମଙ୍ଗଳୁଚରଣ ବିଶ୍ୱାଳଙ୍କ ସାହିତ୍ୟ ସର୍ବକାଳୀନ ପ୍ରାସଙ୍ଗିକ'

## ସାହିତ୍ୟ ଅକାଦେମୀର ସାରସ୍ୱତ ସମାବେଶରେ ଆଲୋଚକଙ୍କ ମନ୍ତବ୍ୟ



ସମ୍ବଲପୁର, ୯।୯ (ଇମିସ): ପ୍ରଖ୍ୟାତ ସାହିତ୍ୟିକ ମଙ୍ଗଳୁଚରଣ ବିଶ୍ୱାଳ ସାହିତ୍ୟର ସମସ୍ତ ବିଭାଗରେ ଲେଖନୀ ଚାଳନା କରିବା ସହ ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ। ତାଙ୍କ ସାରସ୍ୱତ ସୃଷ୍ଟି କାଳଜୟୀ ଏବଂ ସର୍ବକାଳୀନ ପ୍ରାସଂଗିକତା ବହନ କରେ ବୋଲି କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଡ. ଦ୍ୱାରିକାନାଥ ନାୟକ ସ୍ୱର୍ଗତ ବିଶ୍ୱାଳଙ୍କ ଆତ୍ମଜୀବନୀ, ଡ. ଗୌରିଦାସ ପ୍ରଧାନ କବିତା, ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରାବଣା ପ୍ରବନ୍ଧ ଏବଂ ଡ. ଶ୍ୟାମସୁନ୍ଦର ଧର ନାଟକ ସଂପର୍କରେ ଆଲୋଚନା କରିଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅକାଦେମୀର ସହ ସଂପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଯୋଗେଶ ଭୋଇ ମହାବିଦ୍ୟାଳୟର ସହଯୋଗିତା ସଂପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### କବିସନ୍ଧିରେ ସୌଭାଗ୍ୟବନ୍ତ ମହାରଣା

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ 'କବିସନ୍ଧି' କାର୍ଯ୍ୟକ୍ରମରେ ସଭାମୁଖ୍ୟ ଡ. ମନୋଜ କୁମାର ପଣ୍ଡା କବିଙ୍କ ପରିଚୟ ପ୍ରଦାନ ପୂର୍ବକ ତାଙ୍କ କୃତିତ୍ୱ ସଂପର୍କରେ ସୂଚନା ଦେଇଥିଲେ। କବି ଶ୍ରୀ ମହାରଣା ତାଙ୍କ ସାରସ୍ୱତ ଯାତ୍ରା ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ। କବିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।